# NATIONAL NEWS BULLETIN (ODIA)

## 8 September 2026

### Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ଗୁଜରାଟ ଓ ମହାରାଷ୍ଟ୍ରକୁ ଆଜି ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

– ଭଦୋଦରାଠାରେ ୩୫ ହଜାର କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର କରିବେ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ।

- ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତା ଦାବିକୁ ସମର୍ଥନ କରିଛି ଲକ୍ସମବର୍ଗ ।
- ପରବର୍ତ୍ତୀ ପିଢ଼ି ସିକ୍ସ-ଜି ନେଟ୍‌ୱର୍କ ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ବହୁପକ୍ଷିୟ ମଞ୍ଚରେ ସାମିଲ ହୋଇଛି ଭାରତ ।
- ଦକ୍ଷିଣ ଲେବାନନରେ ଇସ୍ରାଏଲ୍ ବିମାନ ଆକ୍ରମଣ ଯୋଗୁଁ ୧୨ ଜଣଙ୍କର ମୃତ୍ୟୁ ।

ଏବଂ

- ଆସନ୍ତା ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଜାପାନର ଆଇଚି ନାଗୋଆଠାରେ ହେବ ଏସିଆନ୍ ଗେମ୍ସ ୨୦୨୬ ପ୍ରତିଯୋଗିତା ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜରାଟ ଏବଂ ମହାରାଷ୍ଟ୍ର ଗସ୍ତରେ ଯିବେ । ଭଦୋଦରାଠାରେ ପ୍ରଧାନମନ୍ତ୍ରୀ ୩୫ ହଜାର କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ଏହି ଅବସରରେ ପଶ୍ଚିମାଞ୍ଚଳ ସମର୍ପିତ ମାଲ୍ ପରିବହନ କରିଡରର ୩ଟି ଗୁରୁତ୍ୱପୂର୍ଣ୍ଣ ଭାଗକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ଏଥିରେ ୨୦ ହଜାର ୭ଶହ କୋଟି ଟଙ୍କା ବ୍ୟୟରେ ୩୨୬ କିଲୋମିଟର ଦୀର୍ଘ ରେଳ ମାର୍ଗର ବିକାଶ କରାଯାଇଛି । ଅହମ୍ମଦାବାଦରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଆଲୋଚନା କାଳରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମାଲ ପରିବହନ କରିଡ଼ର ଉପରେ ଆଲୋକପାତ କରି କହିଛନ୍ତି, ଏହି ମେଗା ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଛି ।

**V/O1-ASHWINI-VAISHNAV**

ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଭଦୋଦରା ଓ ତଣ୍ଡାରୋଡ ମଧ୍ୟରେ ନୂଆ ରେଳସେବାର ଶୁଭାରମ୍ଭ କରିବେ । ପ୍ରଧାନମନ୍ତ୍ରୀ ଜୋବାଟ୍-ତଣ୍ଡାରୋଡ ନୂଆ ରେଳଲାଇନ୍‌ର ମଧ୍ୟ ଆଜି ଉଦ୍‌ଘାଟନ କରିବେ । ଏହା ବ୍ୟତୀତ ୯ ହଜାର ୭୦୦ କୋଟି ଟଙ୍କା ବ୍ୟୟ

ଅଟକଳରେ ୩ଟି ନୂଆ ରେଳ ପ୍ରକଳ୍ପର ପ୍ରଧାନମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ୧ ହଜାର ୭୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ୩ଟି ଜାତୀୟ ରାଜପଥ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ୨ ହଜାର ୬୦୦ କୋଟିରୁ ଅଧିକ ଟଙ୍କାର ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି ।

ପ୍ରଧାନମନ୍ତ୍ରୀ ନବସାରି ଠାରେ କୃତ୍ରିମ ବୁଦ୍ଧିମତା ତଥା ଆଧୁନିକ ପ୍ରଯୁକ୍ତିବିଦ୍ୟା ଉପଯୋଗ ମାଧ୍ୟମରେ ପ୍ରସ୍ତୁତ ଦଳୀୟ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବେ ।

ପରେ ପ୍ରଧାନମନ୍ତ୍ରୀ ମହାରାଷ୍ଟ୍ର ଗସ୍ତ କରି ମୁମ୍ବାଇଠାରେ ଗ୍ଲୋବାଲ୍ ଫିନ୍‌ଟେକ୍ ସମ୍ମିଳନୀ-୨୦୨୬ର ଶୁଭାରମ୍ଭ କରିବେ ।

## ଲକ୍ସମ୍ବର-ଇଣ୍ଡିଆ-ୟୁଏନ୍‌ଏସ୍‌ସି

ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତା ଦାବିକୁ ଲକ୍ସମବର୍ଗ ସମର୍ଥନ ଜଣାଇଛି । ଉପ-ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଜାଭିୟର୍ ବେଟେଲ୍ ସାମ୍ପ୍ରତିକ ବୈଶ୍ୱିକ ପରିସ୍ଥିତିରେ ଜାତିସଂଘ ସୁରକ୍ଷା ପରିଷଦରେ ସଂସ୍କାର ଉପରେ ଗୁରୁତ୍ୱ ପ୍ରଦାନ

କରିଛନ୍ତି । ଏକ ସମ୍ବାଦ ସରୋବରାହ ସହ ସାକ୍ଷାତକାରେ ଶ୍ରୀ ବେଟେଲ କହିଛନ୍ତି, ଆନ୍ତର୍ଜାତିକ ସ୍ତରରେ ଭାରତର ବୃଦ୍ଧି ପାଉଥିବା ଗୁରୁତ୍ୱ ଦୃଷ୍ଟିରୁ ସୁରକ୍ଷା ପରିଷଦରେ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ ।

ଭାରତ-ବ୍ରାଜିଲ୍ ଉପରେ ଆଲୋକପାତ କରି ସେ କହିଛନ୍ତି, ଏହି ଦୁଇ ଦେଶକୁ ଅନ୍ତର୍ଭୁକ୍ତ କରିବା ପାଇଁ ମିଳିତ ଜାତିସଂଘ ସୁରକ୍ଷା ପରିଷଦକୁ ଅଧିକ ବ୍ୟାପକ କରିବାକୁ ପଡ଼ିବ । ସାମ୍ପ୍ରତିକ ପ୍ରଚଳିତ ଭିଟୋ ପ୍ରୟୋଗ ବ୍ୟବସ୍ଥାକୁ ଶ୍ରୀ ବେଟେଲ୍ ସମାଲୋଚନା କରିଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧର ଏହା ଏକ ଅବଶେଷ ବୋଲି ସେ ବର୍ଣ୍ଣନା କରିଛନ୍ତି । କୌଣସି ଦେଶକୁ ଆନ୍ତର୍ଜାତିକ ସମ୍ପ୍ରଦାୟ ଦ୍ୱାରା ସମର୍ଥନ ପ୍ରଦାନ ସଂକ୍ରାନ୍ତ ନିଷ୍ପତ୍ତିକୁ ଅବରୋଧ କରିବାର ଅଧିକାର ଅନ୍ୟ ରାଷ୍ଟ୍ରର ରହିବା ଉଚିତ୍ ନୁହେଁ ବୋଲି ସେ କହିଛନ୍ତି । ସୁରକ୍ଷା ପରିଷଦରେ ଦୁଇ ତୃତୀୟାଂଶ ବହୁମତ ଆଧାରରେ ଏହି ଭିଟୋ ପ୍ରୟୋଗ ବ୍ୟବସ୍ଥାକୁ ଅଗ୍ରାହ୍ୟ କରାଯିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଶ୍ରୀ ବେଟେଲ୍ ଭାରତକୁ ତିନି ଦିନିଆ ସରକାରୀ ଗସ୍ତରେ ଆସିଛନ୍ତି ।

## ବାଇପୋଲ୍

ଆସାମର ନାଗାଓଁ ଲୋକସଭା ଆସନ ସହିତ କେତେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ଆସନରେ ଉପନିର୍ବାଚନ ପାଇଁ

ନିର୍ବାଚନ କମିଶନ୍ ଘୋଷଣା କରିଛନ୍ତି । ସେଥିମଧ୍ୟରେ ତାମିଲ୍‌ନାଡୁ ଓ ପଶ୍ଚିମବଙ୍ଗର ଦୁଇଟି ଲେଖାଏଁ ଏବଂ ପୁଡୁଚେରୀର ଗୋଟିଏ ବିଧାନସଭା ଆସନ ଅନ୍ତର୍ଭୁକ୍ତ । କମିଶନ ଦେଇଥିବା ସୂଚନା ଅନୁଯାୟୀ ତାମିଲନାଡୁର ମଦୁରାନ୍ତକମ୍ ଏବଂ ଧାରାପୁରମ୍ ଆସନ, ପଶ୍ଚିମବଙ୍ଗର ରେଜିନଗର ଓ ନନ୍ଦିଗ୍ରାମ ଏବଂ ପୁଡୁଚେରୀର ଥାଟଞ୍ଚାଓ୍ୱାଡ଼ି ବିଧାନସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ । ଆସନ୍ତାକାଲି ଏଥିପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ । ଉପନିର୍ବାଚନପାଇଁ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରିବାର ସମୟସୀମା ରହିବ । ଅକ୍ଟୋବର ୬ ତାରିଖରେ ଭୋଟ୍ ଗ୍ରହଣ କରାଯାଇ ୯ ତାରିଖରେ ଗଣତି ସହ ଫଳାଫଳ ପ୍ରକାଶ ପାଇବ ବୋଲି ନିର୍ବାଚନ କମିଶନ୍ ସୂଚନା ଦେଇଛନ୍ତି ।

## ଇଣ୍ଡିଆ-୬ଜି ନେଟ୍‌ଓ୍ୱର୍କ

ପରବର୍ତ୍ତୀ ପିଢ଼ି ସିକ୍ସ-ଜି ନେଟ୍‌ଓ୍ୱର୍କ ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ସରକାର ବୈଶ୍ୱିକ ସ୍ତରରେ ଏକ ପଦକ୍ଷେପ ଗ୍ରହଣ କରିଛନ୍ତି । ଯୁକ୍ତରାଷ୍ଟ୍ର ଆମେରିକା ସମେତ ଅନ୍ୟ ୨୪ଟି ଦେଶ ସହ ବହୁପକ୍ଷିୟ ମଞ୍ଚରେ ଭାରତ ଏଥିପାଇଁ ସାମିଲ ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଆମେରିକା ବାଣିଜ୍ୟ ବିଭାଗ କହିଛି, ପରବର୍ତ୍ତୀ ପିଢ଼ିର ନେଟ୍‌ଓ୍ୱର୍କ ଗୁଡ଼ିକ ସହଭାଗି ସୁରକ୍ଷା

ସ୍ୱାର୍ଥକୁ ପ୍ରତିଫଳନ କରିବା ସହ ଯୋଗାଯୋଗ ତଥା ନବସୃଜନ କ୍ଷେତ୍ରକୁ ଅଧିକ ସଶକ୍ତ କରିବ । ଯୁକ୍ତରାଷ୍ଟ୍ରର ମିଆମି ଠାରେ ଜି-୨୦ ନବସୃଜନ ମନ୍ତ୍ରୀ ସ୍ତରୀୟ ବୈଠକ ଅବସରରେ ବାଣିଜ୍ୟ ଓ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ  ଏବଂ ଆମେରିକାର ବାଣିଜ୍ୟ ମନ୍ତ୍ରୀ ହାୱାର୍ଡ଼ ଲୁଟ୍‌ନିକ୍‌ଙ୍କ ମଧ୍ୟରେ ଆଲୋଚନା ପରେ ଏହି ଘୋଷଣା କରାଯାଇଛି ।  ସିକ୍ସ-ଜି ପ୍ରଯୁକ୍ତି କ୍ଷେତ୍ରର ଭବିଷ୍ୟତ ଏବଂ ପରବର୍ତ୍ତୀ ପିଢ଼ି ଦୂରସଂଚାର ନେଟ୍‌ୱର୍କ ବିକାଶରେ ଆନ୍ତର୍ଜାତିକ ସହଯୋଗ ଉପରେ ଉଭୟ ନେତା ମତବିନିମୟ କରିଛନ୍ତି ।

## ଇରାନ୍-ଇଣ୍ଡିଆ

ଆଗାମୀ ବ୍ରିକ୍ସ ସମ୍ମିଳନୀ ପାଇଁ ଭାରତ ଏକ କୂଟନୈତିକ କେନ୍ଦ୍ର ଭାବେ ଭୂମିକା ନିର୍ବାହ କରିବ ବୋଲି ଇରାନ୍ କହିଛି । ସମ୍ମିଳନୀରେ ଯୋଗଦେବା ପାଇଁ ଇରାନ୍‌ର ରାଷ୍ଟ୍ରପତି ମାସୁଦ୍ ପେଜେସ୍କିୟାନ୍‌ଙ୍କ ନୂଆଦିଲ୍ଲୀ ଗସ୍ତ ପୂର୍ବରୁ ସେଠାକାର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଇସ୍‌ମାଇଲ ବାଘାଇ ଏହା କହିଛନ୍ତି । ସେ କହିଛନ୍ତି, ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ରଣନୈତିକ ସହଯୋଗକୁ ଅଧିକ ସୁଦୃଢ଼ କରିବାରେ ବ୍ରିକ୍ସ ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିବ । ନୂଆଦିଲ୍ଲୀ ସହିତ ଦୀର୍ଘକାଳୀନ ସମ୍ପର୍କକୁ ତେହେରାନ ଗୁରୁତ୍ୱ ପ୍ରଦାନ କରୁଛି ।

ନୂଆଦିଲ୍ଲୀଠାରେ ଆସନ୍ତା ୧୨ ଏବଂ ୧୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀ ବହୁପକ୍ଷିୟ କୂଟନୈତିକ ମତବିନିମୟକୁ ଏକ ଦୃଢ଼ ମଞ୍ଚ ପ୍ରଦାନ କରିବ ବୋଲି ଶ୍ରୀ ବାଘାଇ ଆଶା ପ୍ରକାଶ କରିଛନ୍ତି । ସାଂଘାଇ ସହଯୋଗ ସଂଗଠନ ଏସ୍.ସି.ଓ. ଏବଂ ବ୍ରିକ୍ସ ସମେତ ବହୁପକ୍ଷିୟ ଅନ୍ତର୍ଜାତୀୟ ସମ୍ମିଳନୀରେ ଭାରତର ପ୍ରଭାବଶାଳୀ ଭୂମିକା ଉପରେ ଶ୍ରୀ ବାଘାଇ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ବିଭିନ୍ନ କ୍ଷେତ୍ରରେ ନୂଆଦିଲ୍ଲୀ ସହିତ ସମ୍ପର୍କକୁ ଉତ୍ତମ ବୋଲି ସେ ବର୍ଣ୍ଣନା କରିଛନ୍ତି । ଯୋଗାଯୋଗ ଏବଂ ପରିଚାଳନା ଭିତ୍ତିଭୂମିକୁ ସମ୍ପର୍କର ପ୍ରାଥମିକ କ୍ଷେତ୍ର ଭାବେ ଚିହ୍ନଟ କରାଯାଇଛି ବୋଲି ଶ୍ରୀ ବାଘାଇ କହିଛନ୍ତି ।

## ଇସ୍ରାଏଲ୍-ଲେବାନନ ଆଟାକ

ଦକ୍ଷିଣ ଲେବାନନର ଏକ ଅଞ୍ଚଳରେ ଇସ୍ରାଏଲ୍ ବିମାନ ଆକ୍ରମଣ ଯୋଗୁଁ ୧୨ ଜଣଙ୍କର ମୃତ୍ୟୁ ହୋଇଛି । ଏଥିରେ ଦୁଇ ଜଣ ଶିଶୁ ଏବଂ ୪ ଜଣ ମହିଳା ଅନ୍ତର୍ଭୁକ୍ତ । କଫାର୍ ରୋମାନେ ଠାରେ ଏକ ଆବାସିକ କୋଠା ଏହି ଆକ୍ରମଣରେ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଛି । ଇସ୍ରାଏଲ୍‌ର ଅଧିକୃତ ଅଞ୍ଚଳରେ ସୈନ୍ୟ ବାହିନୀ ଉପରେ ଡ୍ରୋନ୍ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଇସ୍ରାଏଲ୍ ସେନା କହିଛି । ଇରାନ୍ ସମର୍ଥିତ ସଶସ୍ତ୍ର ଗୋଷ୍ଠୀ ହିଜ୍‌ବୁଲ୍ଲାର ଭିତ୍ତିଭୂମି ଅଞ୍ଚଳ ତଥା ଅସ୍ତ୍ର

ପରିବହନ ଯୋଗାଯୋଗ ଆଧାରିତ କ୍ଷେତ୍ରଗୁଡ଼ିକ ଉପରେ ଲକ୍ଷ୍ୟ କରି ଆକ୍ରମଣ କରାଯାଉଥିବା ଇସ୍ରାଏଲ୍ ସେନା କହିଛି । ଅନ୍ୟ ପକ୍ଷରେ ଲେବାନନ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଇସ୍ରାଏଲ୍ ଆକ୍ରମଣରେ ଗତ ତିନି ଦିନ ମଧ୍ୟରେ ଅତି କମ୍‌ରେ ୨୭ ଜଣଙ୍କର ମୃତ୍ୟୁ ହୋଇଛି । ଏଭଳି ଆକ୍ରମଣ ବନ୍ଦ କରିବା ପାଇଁ ଇସ୍ରାଏଲ୍ ଉପରେ ଚାପ ପ୍ରୟୋଗ କରିବାକୁ ଲେବାନନ ରାଷ୍ଟ୍ରପତି ଜୋସେଫ୍ ଆଉନ୍ ଆନ୍ତର୍ଜାତିକ ସମୁଦାୟକୁ ଆହ୍ୱାନ ଦେଇଛନ୍ତି ।

## ଏସିଆନ୍ ଗେମ୍ସ

ଜାପାନ୍‌ର ଆଇଚି-ନାଗୋଆ ଠାରେ ଆସନ୍ତା ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଏସିଆନ୍ ଗେମ୍ସ ୨୦୨୬ ପ୍ରତିଯୋଗିତା ଅନୁଷ୍ଠିତ ହେବ । ତେବେ କ୍ରୀଡ଼ା କାର୍ଯ୍ୟକ୍ରମ ୧୦ ତାରିଖରୁ ଆରମ୍ଭ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ୧୯ ତାରିଖ ଦିନ ଆନୁଷ୍ଠାନିକ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ । ୧୭ ତାରିଖରେ ଟେବ୍‌ଲ୍ ପ୍ରତିଯୋଗିତା ସହ ଭାରତ ଏହାର ଅଭିଯାନ ଆରମ୍ଭ କରିବ । ୧୮ ତାରିଖରେ ମହିଳା କ୍ରିକେଟ୍‌ରେ ଭାରତ ଓ ଜାପାନ୍ ମଧ୍ୟରେ ମୁକାବିଲା ହେବ । ବିଭିନ୍ନ ବର୍ଗରେ ଭାରତୀୟ କ୍ରୀଡ଼ାବିତ୍ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିବାର ଆଶା କରାଯାଉଛି । ଦୁଇଥର ଅଲିମ୍ପିକ୍ ପଦକ ବିଜେତା ବ୍ୟାଡ୍‌ମିଣ୍ଟନ୍ ଖେଳାଳି

ପି.ଭି. ସିନ୍ଧୁ ୨୦ ତାରିଖରୁ ଅଭିଯାନ ଆରମ୍ଭ କରିବେ । ଭାରୋତ୍ତଳନ ପ୍ରତିଯୋଗିତାରେ ଅଲିମ୍ପିକ୍ ପଦକ ବିଜେତା ମୀରାବାଇ ଚାନୁ ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି । ସୁଟିଂ ପ୍ରତିଯୋଗିତାରେ ଦୁଇଥର ଅଲିମ୍ପିକ୍ ପଦକ ବିଜେତା ମନୁ ଭାକର୍ ଏବଂ କୁସ୍ତି ପ୍ରତିଯୋଗିତାରେ ଅମନ ସେହରାୱତ୍ ଭାରତୀୟ ଦଳର ପ୍ରତିନିଧିତ୍ୱ କରୁଛନ୍ତି ।

# ଆର୍ଚେରୀ

ଅହମ୍ମଦାବାଦଠାରେ ଚାଲିଥିବା ବିଶ୍ୱ ପାରା ତୀର ଚାଳନା ପ୍ରତିଯୋଗିତାରେ ଚାରୋଟି ବର୍ଗରେ ଫାଇନାଲ୍ ପର୍ଯ୍ୟାୟରେ ଭାରତର ଖେଳାଳି ଆଜି କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିବେ । ପାରା ରିକର୍ଭ୍ ମହିଳା ଦଳଗତ ଫାଇନାଲ୍‌ରେ ଭାରତର ଭାବନା ଏବଂ ପୂଜା ଚୀନ୍ ପ୍ରତିପକ୍ଷଙ୍କ ସହ ମୁକାବିଲା କରିବେ । ଏହି ବର୍ଗର ପୁରୁଷ ଦଳଗତ ଫାଇନାଲ୍‌ରେ ହରବିନ୍ଦର ସିଂହ ଏବଂ ବିଜୟ ସୁଣ୍ଡି ସ୍ଲୋଭାକିଆର ପ୍ରତିପକ୍ଷଙ୍କ ବିରୁଦ୍ଧରେ ଖେଳିବେ ।

ପାରା କମ୍ପାଉଣ୍ଡ ପୁରୁଷ ଦଳଗତ ଫାଇନାଲ୍‌ରେ ଶ୍ୟାମ ସୁନ୍ଦର ସ୍ୱାମୀ ଏବଂ ତୋମାନ୍ କୁମାର' ଇରାକ୍ ଖେଳାଳିଙ୍କ ସହ ପ୍ରତିଦ୍ୱନ୍ଦ୍ୱୀତାରେ ଅବତୀର୍ଣ୍ଣ ହେବେ । ମିଳିତ ଡବ୍ଲ୍ୟୁ-ୱାନ୍ ଫାଇନାଲ୍‌ରେ ସ୍ୱାତୀ ଚୌଧୁରୀ ଓ ଆଦିଲ୍ ମହମ୍ମଦ ନାଜିର୍ ଆନ୍‌ସାରୀ' ଚେକ୍‌ଗଣରାଜ୍ୟର ପ୍ରତିପକ୍ଷଙ୍କ

ବିରୁଦ୍ଧରେ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି । ଘରୋଇ କ୍ଷେତ୍ରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ଭାରତୀୟ କ୍ରୀଡ଼ାବିତ୍ ଏହାର ସୁଯୋଗ ନେବାର ଆଶା କରାଯାଉଛି ।